# ଅଧ୍ୟାୟ-୧୪ : ସମାଭିମୁଖୀକରଣ

## ୧୪.୧ ଅନ୍ୟ କାର୍ଯ୍ୟକ୍ରମଗୁଡିକ ସହ ସମାଭିମୁଖୀକରଣ/ସଂଯୁକ୍ତୀକରଣ

୧୪.୧.୧ ଦୀର୍ଘସ୍ଥାୟୀ ସମ୍ପଦସମୂହର ସୃଷ୍ଟି ପାଇଁ ଅନ୍ୟ ସୂତ୍ରଗୁଡିକରୁ ପାଣ୍ଠି ସହିତ ଏନ୍.ଆର୍.ଇ.ଜି.ଏ. ପାଣ୍ଠିର ସମାଭିମୁଖୀକରଣକୁ ଅନୁମୋଦନ ଦିଆଯାଇ ପାରିବ । କିନ୍ତୁ ଅନ୍ୟ କ୍ଷେତ୍ର ବା ସ୍କିମ୍ ଅଧୀନସ୍ଥ ପାଣ୍ଠିର ବିକଳ୍ପ ଭାବେ ଏନ୍.ଆର୍.ଇ.ଜି.ଏ. ପାଣ୍ଠି ଯେପରି ବ୍ୟବହୃତ ନହୁଏ, ତାକୁ ସୁନିଶ୍ଚିତ କରିବା ପାଇଁ ସଯତ୍ନ ଦୃଷ୍ଟି ଦେବାକୁ ପଡିବ । ଏନ୍.ଆର୍.ଇ.ଜି.ଏ. ପାଣ୍ଠିର ଉଦ୍ଦେଶ୍ୟ ହେଲା, ଅତିରିକ୍ତ କର୍ମନିଯୁକ୍ତି ସୃଷ୍ଟି କରିବା; ଏହା ଘଟି ପାରିବନି ଯଦି ଅନ୍ୟ କାର୍ଯ୍ୟକ୍ରମଗୁଡିକ ଦ୍ୱାରା ବର୍ତ୍ତମାନ ସୃଷ୍ଟି ହେଉଥିବା କର୍ମନିଯୁକ୍ତି ଆର୍.ଇ.ଜି.ଏସ୍. ଦ୍ୱାରା ସ୍ଥାନଚ୍ୟୁତ ହୁଏ ।

୧୪.୧.୨ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଅନ୍ୟ ସୂତ୍ରରୁ (ଯଥା- ଜାତୀୟ ବିତ୍ତ କମିଶନ୍, ରାଜ୍ୟ ଅର୍ଥ କମିଶନ୍ , ରାଜ୍ୟ ସରକାରଙ୍କ ବିଭାଗସମୂହ ) ଏବଂ ଅନ୍ୟ କେନ୍ଦ୍ରୀୟ ବା କେନ୍ଦ୍ରୀୟ ସହାୟତା-ପ୍ରାପ୍ତ ସ୍କିମ୍ସମୂହ (ଯଥା-ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ବା ଏସ୍.ଜି.ଆର୍.ଓ୍ୱାଇ., ମରୁଡି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ ବା ଡି.ପି.ଏ.ପି., ମରୁଭୂମି ଉନ୍ନୟନ କାର୍ଯ୍ୟକ୍ରମ ବା ଡି.ଡି.ପି., ରାଷ୍ଟ୍ରୀୟ ସମ୍ ବିକାଶ ଯୋଜନା ବା ଆର୍.ଏସ୍.ଭି.ଓ୍ୱାଇ., ଅନଗ୍ରସର ଅଞ୍ଚଳ ଅନୁଦାନ ଇତ୍ୟାଦି) ମିଳୁଥିବା ପାଣ୍ଠିକୁ ଏନ୍.ଆର୍.ଇ.ଜି.ଏ. ଅଧୀନରେ ଅନୁମୋଦନୀୟ ଦୀର୍ଘସ୍ଥାୟୀ ଗୋଷ୍ଠୀ ସମ୍ପଦ/କାର୍ଯ୍ୟର ନିର୍ମାଣ ପାଇଁ ଏନ୍.ଆର୍.ଇ.ଜି.ଏ. ପାଣ୍ଠି ସହିତ ସଂଯୁକ୍ତୀକରଣ କରାଯାଇ ପାରିବ । କିନ୍ତୁ ଏନ୍.ଆର୍.ଇ.ଜି.ଏ. ପାଣ୍ଠିକୁ ବିଭିନ୍ନ ବିଭାଗ ବା ସଂସ୍ଥାର ଯୋଜନାଗୁଡିକ ପାଇଁ ବ୍ୟବହାର କରାଯିବା ଉଚିତ୍ ହେବନି । ଅନ୍ୟ କାର୍ଯ୍ୟକ୍ରମଗୁଡିକର ଯେଉଁ ପାଣ୍ଠି ସେହିସବୁ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ, ଯାହାକି ଏନ୍.ଆର୍.ଇ.ଜି.ଏ. ଅଧୀନରେ ଅନୁମୋଦନୀୟ, ତାହାକୁ ଏନ୍.ଆର୍.ଇ.ଜି.ଏ. ପାଣ୍ଠି ସହ ସଂଯୁକ୍ତୀକୃତ କରାଯାଇ ପାରିବ, କିନ୍ତୁ ଏହାର ବିପରୀତ କ୍ରମ ପ୍ରଯୁଜ୍ୟ ନୁହେଁ । ପରିଦୃଷ୍ଟି ଯୋଜନାରେ ଏହି ଦିଗଗୁଡିକ ପ୍ରତି ସଯତ୍ନ ଧ୍ୟାନ ଦିଆଯିବା ଉଚିତ୍ ।

୧୪.୧.୩ ଏକାଭିମୁଖୀକରଣ ଦିଗରେ ସମସ୍ତ ପ୍ରୟାସକୁ ଏନ୍.ଆର୍.ଇ.ଜି.ଏ.ର ନୀତିନିୟମ ସହିତ ସଂଗତିଶୀଳ କରାଯିବ ; ବିଶେଷ କରି ଶ୍ରମ-ସଘନ କାର୍ଯ୍ୟାବଳୀର ରୂପରେଖ ପ୍ରସ୍ତୁତ କରିବା ଓ ଠିକାଦାରଙ୍କ ଉପରେ ସଂପୂର୍ଣ୍ଣ ନିଷେଧାଜ୍ଞାକୁ ସୁନିଶ୍ଚିତ ଭାବେ ପାଳନ କରିବାର ତାଗିଦ୍ ସହିତ ଏହି ପ୍ରୟାସ ସଂଗତିଶୀଳ ହେଉଥିବ ।

## ୧୪.୨ ସାମାଜିକ କ୍ଷେତ୍ରର କାର୍ଯ୍ୟକ୍ରମସମୂହ ସହିତ ଏକାଭିମୁଖୀକରଣ

୧୪.୨.୧ ଏହିସବୁ ସାମାଜିକ କ୍ଷେତ୍ର କାର୍ଯ୍ୟକ୍ରମଗୁଡିକ ସହ ଆର୍.ଇ.ଜି.ଏସ୍.ର ଏକାଭିମୁଖୀକରଣ କରାଯିବା ଜରୁରୀ, ଯଥା ସାକ୍ଷରତା ଏବଂ ସ୍ୱାସ୍ଥ୍ୟ ମିଶନ୍ସମୂହ, ଯାହା ଫଳରେ କି ସେହି କାର୍ଯ୍ୟକ୍ରମ ଗୁଡିକର ଉପକାରମାନ ଆର୍.ଇ.ଜି.ଏସ୍.ର ଶ୍ରମିକଗଣ ଏବଂ ହିତାଧିକାରୀଗଣଙ୍କ ନିକଟକୁ ସଂପ୍ରସାରିତ ହୋଇପାରିବ । ଉଦାହରଣ ସ୍ୱରୂପ, ଯେହେତୁ ଆର୍.ଇ.ଜି.ଏସ୍.ର ଶ୍ରମିକଗୋଷ୍ଠୀଙ୍କ ଭିତରୁ ଏକ ବିରାଟ ଅଂଶ ନିରକ୍ଷର ବା ଅର୍ଦ୍ଧ-ସାକ୍ଷର ହୋଇଥାଇ ପାରନ୍ତି, ଏନ୍.ଆର୍.ଇ.ଜି.ଏ. ଏବଂ ଏହା ଅଧୀନରେ ଶ୍ରମିକମାନଙ୍କ ପ୍ରାପ୍ୟସମୂହ ସମ୍ବନ୍ଧରେ ସୂଚନାବଳୀକୁ ସାକ୍ଷରତା ପୁସ୍ତିକା ଏବଂ 'ନିରନ୍ତର ଶିକ୍ଷା'ର ପଠନ ସାମଗ୍ରୀ ଭିତରେ ଭର୍ତ୍ତି କରିହେବ । ଏହା ଫଳରେ ଦ୍ୱିବିଧ ଉଦ୍ଦେଶ୍ୟ ସାଧିତ ହେବ; ସେମାନେ ସାକ୍ଷରତା ଲାଭ କରିବା ସହିତ ଆଇନ୍ ଅଧୀନରେ ସେମାନଙ୍କର ଅଧିକାରସମୂହ ସମ୍ବନ୍ଧରେ ସଚେତନ ହୋଇପାରିବେ ।

୧୪.୨.୨ ଅନ୍ୟ ବିଭାଗମାନଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ (ଯଥା- ଏସ୍.ଏଚ୍.ଜି.ସମୂହର ଗଠନ ଏବଂ ବୀମା ବ୍ୟବସ୍ଥା) ସହ ସଂଯୋଗ ପାଇଁ କାର୍ଯ୍ୟସ୍ଥଳୀ ଏକ ପେଣ୍ଠ ବିନ୍ଦୁରେ ପରିଣତ ହୋଇପାରିବ । ଏହା ଫଳରେ ଏହିସବୁ କାର୍ଯ୍ୟକ୍ରମରେ ଏନ୍.ଆର୍.ଇ.ଜି.ଏ. ଶ୍ରମିକମାନେ ଫଳପ୍ରଦ ଭାବେ ଅଂଶଗ୍ରହଣ କରିବା ପାଇଁ ସକ୍ଷମ ହୋଇ ପାରିବେ ।